# ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା. ୪୨୯ /ସୂ.ଲୋ.ସଂ. ତା. ୧୫/୦୮/୨୧

## ଢେଙ୍କାନାଳ ଜିଲ୍ଲା ସଦର ମହକୁମାରେ ୭୫ତମ ସ୍ୱାଧୀନତା ଦିବସ ପାଳିତ

ଢେଙ୍କାନାଳ, ତା. ୧୫.୦୮.୨୦୨୧ –

ଆଜି ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରେ ୭୫ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ପବିତ୍ର ଦିବସ ପାଳନ ଅବସରରେ ଢେଙ୍କାନାଳ ଷ୍ଟାଡିୟମଠାରେ ସକାଳ ୯ଟା ୧୫ ମିନିଟ ସମୟରେ ଦିବସର ମୁଖ୍ୟ ଅତିଥି ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଢେଙ୍କାନାଳ ପୋଲିସ ବାହିନୀ, ଓ.ଏସ.ଏ.ପି. ପ୍ରଥମ ବାଟାଲିୟନ ଓ ବ୍ୟାଣ୍ଡ ଦଳ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଦିବସର ମୁଖ୍ୟ ଅତିଥି, ଜିଲ୍ଲାପାଳ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ ।

୧୮୫୭ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମର ମହାନ ଦେଶଭକ୍ତ ମାନଙ୍କ ଅବଦାନର ସ୍ମୃତିଚାରଣ କରି, ଏଥି ନିମନ୍ତେ ଢେଙ୍କାନାଳ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନ ଅବିସ୍ମରଣୀୟ ବୋଲି ପ୍ରକାଶ କରିଥିଲେ । ଢେଙ୍କାନାଳର ଲକ୍ଷ୍ମୀପୂଜା, ମହିମାଧର୍ମ, ଭୁବନର ବଳଦଯାତ୍ରା ପାଇଁ ଢେଙ୍କାନାଳ ଜିଲ୍ଲା ଗର୍ବିତ । ଢେଙ୍କାନାଳ ଜିଲ୍ଲାର ଚନ୍ଦ୍ର ଶେଖର ଜୀଉ ପୀଠ (କପିଳାସ), ସପ୍ତଶଯ୍ୟା, ଅନନ୍ତ ଶୟନ ବିଷ୍ଣୁ, ଡୋକ୍ରା କାର୍ଯ୍ୟ ଆଦି – ଢେଙ୍କାନାଳର କଳା, ସଂସ୍କୃତି, ପର୍ଯ୍ୟଟନ ପାଇଁ ବିଶ୍ୱରେ ଗର୍ବିତ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସଫଳ ରୂପାୟନ ଢେଙ୍କାନାଳ ଜିଲ୍ଲାରେ ହୋଇପାରୁଛି ସେ ମତ ବ୍ୟକ୍ତ କରିଥିଲେ । ଢେଙ୍କାନାଳ ଜିଲ୍ଲାରେ ମିଶନ ଶକ୍ତିରେ ୧୮ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି ଏବଂ ସେମାନେ ସମସ୍ତ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟରେ ସାମିଲ ହୋଇ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିପାରୁଛନ୍ତି । ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା, ପର୍ଯ୍ୟଟନ ଆଦିର ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହିତ କାର୍ଯ୍ୟକାରୀ ହେଉଥିବା ବେଳେ ମେଗା ପାଇପ ୱାଟର ସପ୍ଲାଇ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଉଛି । କପିଳସ ପୀଠର ସର୍ବବିଧ ଉନ୍ନତି କରାଯିବା ସହିତ ଜିଲ୍ଲା ପ୍ରଶାସନର ଉଦ୍ୟମ ଯୋଗୁଁ ଢେଙ୍କାନାଳ ଜିଲ୍ଲାର ଆରାଧ୍ୟଦେବତା ଶ୍ରୀ ଶ୍ରୀ ଚନ୍ଦ୍ର ଶେଖର ଜୀଉଙ୍କ ନାଗାଭରଣ ବେଶ ଲାଗି ସୁବର୍ଣ୍ଣ ଆଭୁଷଣ ନିର୍ମିତ ହୋଇପାରିଛି ବୋଲି ସେ ପ୍ରକାଶ କରିଥିଲେ ।

ଜାତୀୟ ଦିବସ ଉତ୍ସବ ପାଳନ ଅବସରରେ, ଜୀବନକୁ ବାଜି ଲଗାଇ ଜିଲ୍ଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିବା କରୋନା ଯୋଦ୍ଧାମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଜିଲ୍ଲା ସ୍ତରୀୟ ଓଡିଆ ବକ୍ତୃତା, ପ୍ରବନ୍ଧ ଓ ଦେଶାତ୍ମବୋଧ ସଙ୍ଗୀତ ଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ରକ୍ତଦାନ ଶିବିର ଆୟୋଜନକରି ଶ୍ରେଷ୍ଠତ୍ୱ ହାସଲ କରିଥିବା ବିଭିନ୍ନ ଅନୁଷ୍ଠାନ ଏବଂ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିବା ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ରମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ ।

ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସକାଳେ ସହର ମଧ୍ୟରେ ରାମ ଧୂନ କରଯାଇଥିଲା । ସହରସ୍ଥିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଦିବସର ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀଯୁକ୍ତ ବେହେରା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ଚାମ୍ବର ଅଫ କମର୍ସ, ଢେଙ୍କାନାଳ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୋଗୀମାନଙ୍କୁ ଫଳ ବଣ୍ଟନ ଏବଂ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଢେଙ୍କାନାଳଙ୍କ ପକ୍ଷରୁ ଜିଲ୍ଲା କାରାଗାରର କଏଦୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

ସେହିପରି ଲାୟନ୍ସ କ୍ଲବ ଓ ଅକ୍ଷମ କଲ୍ୟାଣ ସମିତି, ଢେଙ୍କାନାଳ ପକ୍ଷରୁ ବଧିର ଆଲୋକ ବିଦ୍ୟାଳୟର ଅନ୍ତେବାସୀଙ୍କୁ ରେଡକ୍ରସ ରାପିଡ଼ ରେଶପନସ ଟିମ, ଢେଙ୍କାନାଳ ଏବଂ ବିଶ୍ୱ ଚେତନ ଅନୁଷ୍ଠାନ, ଢେଙ୍କାନାଳ ପକ୍ଷରୁ ଆଦୃତା ଶିଶୁ ଗୃହ ଅନ୍ତେବାସୀଙ୍କୁ, ଇନର ହୁଇଲ, ମହିଳା ଶାଖା, ଢେଙ୍କାନାଳ ପକ୍ଷରୁ ବିଶ୍ୱ କୁନ୍ତଳ ଶିଶୁ ଗୃହ ଅନ୍ତେବାସୀଙ୍କୁ, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଗୋବିନ୍ଦପୁର ସ୍ଥିତ ଜରାଶ୍ରମର ଅନ୍ତେବାସୀଙ୍କୁ, ଜୀବନ ଜ୍ୟୋତି ପକ୍ଷରୁ ଗୋବିନ୍ଦପୁର ସ୍ଥିତ ଜୀବନ ଜ୍ୟୋତି ଭିନ୍ନକ୍ଷମ ଆଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରଯାଇଥିଲା । ଏହି ଅବସରରେ ବନ ବିଭାଗ, ଢେଙ୍କାନାଳ ପକ୍ଷରୁ ଲକ୍ଷ୍ମୀଧର ମୁନିସପାଲ ହାଇ ସ୍କୁଲ ପରିସରରେ ଅତିଥିମାନେ ବୃକ୍ଷ ରୋପଣ କରିଥିଲେ ।

ଏହି ଜାତୀୟ ଦିବସ ପାଳନ ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କେ. ଶିବା ସୁବ୍ରମଣ୍ୟମ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ, ବନଖଣ୍ଡ ଅଧିକାରୀ ଶ୍ରୀ ପ୍ରକାଶ ଚାନ୍ଦ ଗୋଗିନେନୀ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ତ୍ରିପାଠୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଶ୍ରୀ ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ